# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**25 November - 2024**

**News Editor *: Itishree Singh Rathaur***

**********************************

## ମୁଖ୍ୟ ସମ୍ବାଦ

- ସମବାୟ, ଭାରତୀୟ ସଂସ୍କୃତିର ଭିତ୍ତିଭୂମି କହିଲେ ପ୍ରଧାନମନ୍ତ୍ରୀ

- ନୂଆଦିଲ୍ଲୀର ଭାରତ ମଣ୍ଡପମଠାରେ ବିଶ୍ୱ ସମବାୟ ସମ୍ମିଳନୀକୁ କଲେ ଉଦ୍‌ଘାଟନ ।

- ଆରମ୍ଭ ହେଲା ସଂସଦର ଶୀତକାଳୀନ ଅଧିବେଶନ; ସମ୍ବିଧାନର ୭୫ତମ ବର୍ଷ ଭାରତର ବିଶ୍ୱସ୍ତରୀୟ ମାନ୍ୟତାକୁ ସୁଦୃଢ଼ କରିବ କହିଲେ ପ୍ରଧାନମନ୍ତ୍ରୀ

- ବିଧାନସଭା ଅଧିବେଶନ ଆସନ୍ତାକାଲିଠାରୁ ହେବ ଆରମ୍ଭ; ଅନୁଷ୍ଠିତ ହେଲା ସର୍ବଦଳୀୟ ବୈଠକ

ଏବଂ

- ରାଜ୍ୟରେ ମହିଳା ବିରୋଧୀ ଅପରାଧର ଫଏସଲା ପାଇଁ ସ୍ଥାପନ ହେବ ସ୍ୱତନ୍ତ୍ର କୋର୍ଟ ।

# ସମବାୟ ଦିବସ

ସମବାୟ ହେଉଛି ଭାରତୀୟ ସଂସ୍କୃତିର ଭିତ୍ତିଭୂମି । ଭବିଷ୍ୟତରେ ସମବାୟ କ୍ଷେତ୍ରରେ ଅଭିବୃଦ୍ଧି ନେଇ ଭାରତର ବଡ଼ ଭୂମିକା ରହିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ନୂଆଦିଲ୍ଲୀର ଭାରତ ମଣ୍ଡପମ୍ ଠାରେ ବିଶ୍ୱ ସମବାୟ ସମ୍ମିଳନୀକୁ ଉଦ୍‌ଘାଟନ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତରେ ସହଯୋଗ ମାଧ୍ୟମରେ ସମୃଦ୍ଧିର ମାର୍ଗକୁ ଅନୁସରଣ କରାଯାଉଛି । ଆନ୍ତର୍ଜାତିକ ସମବାୟ ବର୍ଷ ୨୦୨୫ ପାଳନ ଅବସରରେ ଶ୍ରୀ ମୋଦୀ ସ୍ମାରକ ଟିକଟ ଉନ୍ମୋଚନ କରିଥିଲେ । ଆନ୍ତର୍ଜାତିକ ସମବାୟ ମେଣ୍ଟର ୧୩୦ ବର୍ଷର ଇତିହାସରେ ପ୍ରଥମଥର ପାଇଁ ଭାରତରେ ଏହି ସମ୍ମିଳନୀ ଆୟୋଜିତ ହେଉଛି । ଭୁଟାନ୍‌ର ପ୍ରଧାନମନ୍ତ୍ରୀ ଦାସୋ ସେରିଂ ତୋଗବେ ଏବଂ ଫିଜିର ଉପପ୍ରଧାନମନ୍ତ୍ରୀ ମନୋଆ କାମିକାମିକା ଓ ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଅମିତ ଶାହା ଏହି ସମ୍ମିଳନୀରେ ଯୋଗଦେଇଛନ୍ତି ।

୬ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ସମ୍ମିଳନୀର ବିଷୟବସ୍ତୁ ହେଉଛି "ସମସ୍ତଙ୍କ ସମୃଦ୍ଧିରେ ସମବାୟ" । ସମଗ୍ର ବିଶ୍ୱର ସମବାୟ ସମିତିଗୁଡ଼ିକ ମଧ୍ୟରେ ଏହି ସମ୍ମିଳନୀରେ ବିଭିନ୍ନ ପ୍ରସଙ୍ଗ ନେଇ ମତ ବିନିମୟ ହେବ ।

## ସଂସଦର ଶୀତକାଳୀନ ଅଧିବେଶନ

ସଂସଦର ଶୀତକାଳୀନ ଅଧିବେଶନ ଆଜିଠାରୁ ଆରମ୍ଭ ହୋଇଛି । ଅଧିବେଶନର ଆରମ୍ଭରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିବୃତ୍ତି ରଖି କହିଛନ୍ତି, ସମ୍ବିଧାନ ପ୍ରଣୟନର ୭୫ତମ ବର୍ଷରେ ପ୍ରବେଶ କରୁଛି । ଗଣତନ୍ତ୍ର ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ସୁଯୋଗ । ସଂସଦ ପାଇଁ ଅଧିକରୁ ଅଧିକ ଯୋଗଦାନ ନେଇ ସୁସ୍ଥ ଆଲୋଚନା କରିବା ଜରୁରୀ । ସମ୍ବିଧାନର ୭୫ତମ ବର୍ଷ ଗୌରବ ବୃଦ୍ଧି କରିବା ସହ ଭାରତର ବିଶ୍ୱସ୍ତରୀୟ ମାନ୍ୟତାକୁ ସୁଦୃଢ଼ କରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଗଣତାନ୍ତ୍ରିକ ପ୍ରକ୍ରିୟାରେ ପରବର୍ତ୍ତୀ ପିଢ଼ୀକୁ ପ୍ରସ୍ତୁତ କରିବା ପ୍ରତ୍ୟେକ ପୀଢ଼ିର ଦାୟିତ୍ୱ । ଲୋକଙ୍କ ଭାବନାକୁ ସମ୍ମାନ ଦେବା ସହ ସେମାନଙ୍କ ଆଶା ଓ ଆକାଂକ୍ଷାକୁ ପୂରଣ କରିବା ପାଇଁ ଅକ୍ଳାନ୍ତ ପରିଶ୍ରମ କରିବା ଜରୁରୀ ବୋଲି ଶ୍ରୀ ମୋଦୀ କହିଛନ୍ତି । ସଂସଦର ଉଭୟ ସଦନକୁ ଆସନ୍ତାକାଲି ପାଇଁ ସ୍ଥଗିତ ରଖାଯାଇଛି । ଏହି ଅଧିବେଶନ ଡିସେମ୍ବର ମାସ ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ ।

## ବିଧାନସଭା ଶୀତକାଳୀନ ଅଧିବେଶନ

ବିଧାନସଭାର ଶୀତକାଳୀନ ଅଧିବେଶନ ଆସନ୍ତାକାଲିଠାରୁ ଆରମ୍ଭ ହେବ । ଏହାପୂର୍ବରୁ ଆଜି ବାଚସ୍ପତି ସୁରମା ପାଢ଼ୀଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ଅଧିବେଶନର ସୁପରିଚାଳନା ନେଇ ବାଚସ୍ପତି ସବୁ ଦଳର ସହଯୋଗ ଲୋଡିଛନ୍ତି । ବାଚସ୍ପତି କହିଛନ୍ତି, ବିଧାନସଭା କାର୍ଯ୍ୟବିଧି, ପରିଚାଳନା ସମ୍ପର୍କରେ ଆଲୋଚନା ହୋଇଛି । ଶୃଙ୍ଖଳିତ ଭାବେ ଗୃହ ପରିଚାଳନା ପାଇଁ ସବୁ ଦଳ ପ୍ରତିଶ୍ରୁତି ଦେଇଥିବା ବାଚସ୍ପତି କହିଛନ୍ତି ।

ବିଧାନସଭା ଅଧିବେଶନକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି । ଏନେଇ ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ ସମୀକ୍ଷା କରିଛନ୍ତି । ବିଧାନସଭା ପାଇଁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବା ସହ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୩୦ ପ୍ଲାଟୁନ ଫୋର୍ସ ମୁତୟନ ହେବେ ବୋଲି ଶ୍ରୀ ଖୁରାନିଆ ସୂଚନା ଦେଇଛନ୍ତି ।

## ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୯ ତାରିଖରୁ ତିନିଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି । ଭୁବନେଶ୍ୱରଠାରେ ଆୟୋଜନ ହେବାକୁ ଥିବା ପୁଲିସ

ମହାନିର୍ଦ୍ଦେଶକଙ୍କ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ଯୋଗଦେବେ ବୋଲି ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି ।

## ସମ୍ବିଧାନ ଦିବସ

ଭାରତୀୟ ସମ୍ବିଧାନ ଗ୍ରହଣର ୭୫ ବର୍ଷ ପୂର୍ତ୍ତି ଆସନ୍ତାକାଲିଠାରୁ ବର୍ଷ ବ୍ୟାପି ସମଗ୍ର ଦେଶରେ ପାଳନ କରାଯିବ । ୧୯୪୯ ମସିହା ନଭେମ୍ବର ୨୬ ତାରିଖରେ ଭାରତୀୟ ସମ୍ବିଧାନ ସଭା ସମ୍ବିଧାନକୁ ଗ୍ରହଣ କରିଥିଲା । ୧୯୫୦ ମସିହା ଜାନୁଆରୀ ୨୬ ତାରିଖରୁ ଏହା କାର୍ଯ୍ୟକାରୀ ହୋଇଛି । ସଂସଦୀୟ ବ୍ୟାପାର ମନ୍ତ୍ରୀ କୀରଣ ରିଜିଜୁ ନୂଆଦିଲ୍ଲୀ ଠାରେ କହିଛନ୍ତି, ସମ୍ବିଧାନ ସଦନର କେନ୍ଦ୍ରୀୟ ହଲ୍‌ରେ ଆସନ୍ତାକାଲି ଏକ କାର୍ଯ୍ୟକ୍ରମର ଆୟୋଜନ କରାଯିବ । ଏହି ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସଂସଦର ଉଭୟ ସଦନର ସଦସ୍ୟଙ୍କୁ ସମ୍ବୋଧନ କରିବେ । ଏହି ଦିବସକୁ ସମଗ୍ର ଦେଶରେ ପାଳନ କରିବାକୁ ମନ୍ତ୍ରୀ ଶ୍ରୀ ରିଜିଜୁ ଆହ୍ୱାନ ଦେଇଛନ୍ତି ।

## ଆଇନ୍ ସଚେତନତା ଶିବିର

ରାଜ୍ୟରେ ଆଗାମୀ ଦିନରେ ମହିଳାମାନଙ୍କ ବିରୁଦ୍ଧରେ ହେଉଥିବା ଅପରାଧର ଫଏସଲା ପାଇଁ ସ୍ୱତନ୍ତ୍ର କୋର୍ଟ ସ୍ଥାପନ କରାଯିବ । କୋର୍ଟରେ

ସମସ୍ତ ଅଧିକାରୀ ମହିଳା ରହିବେ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା କହିଛନ୍ତି । ପୁରୀ ଜିଲ୍ଲା ନିମାପଡ଼ା ବ୍ଲକରେ ରାଜ୍ୟ ମହିଳା କମିଶନଙ୍କ ପକ୍ଷରୁ ଅନୁଷ୍ଠିତ ଆଇନ୍ ସଚେତନତା ଶିବିରରେ ଯୋଗଦେଇ ଶ୍ରୀମତୀ ପରିଡ଼ା ମହିଳା କଲ୍ୟାଣକାରୀ ଆଇନ୍ ସଚେତନତା ସମ୍ପର୍କରେ ଆଲୋକପାତ କରିଛନ୍ତି । ସେ କହିଛନ୍ତି ହିଳାମାନେ ଆଇନ୍ ସମ୍ପର୍କରେ ସଚେତନ ହେଲେ ସେମାନଙ୍କ ବିରୁଦ୍ଧରେ ଘଟୁଥିବା ଅନ୍ୟାୟ, ଅତ୍ୟାଚାରର ସାମ୍ନା କରିପାରିବେ ।ମହିଳାମାନଙ୍କ ସୁରକ୍ଷା ପାଇଁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହେଉଥିବାବେଳେ ସେମାନେ ଜାଗ୍ରତ ରହି ଶୂନ୍ୟ ସହନଶୀଳତା ନୀତି ଦିଗରେ କାର୍ଯ୍ୟ କରିବା ପାଇଁ ଉପମୁଖ୍ୟନ୍ତ୍ରୀ ପରାମର୍ଶ ଦେଇଛନ୍ତି । ଆଗାମୀ ଦିନରେ ପ୍ରତି ବ୍ଲକରେ ସରକାରଙ୍କ ପକ୍ଷରୁ ଏପରି ଆଇନ୍ ସଚେତନତା ଶିବିର ଅନୁଷ୍ଠିତ ହେବ ବୋଲି ଉପମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି ।

## ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ

ଜଳ, ଜଙ୍ଗଲ, ଓ ଜମିକୁ ସୁରକ୍ଷା ଦେବା ଅତ୍ୟନ୍ତ ଜରୁରୀ ବୋଲି ଚତୁର୍ଥ ଜଳବାୟୁ ପରିବର୍ତ୍ତନ ସମ୍ମିଳନୀରେ ଜଙ୍ଗଲ, ପରିବେଶ ଓ ଜଳବାୟୁ

ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ କହିଛନ୍ତି । ଭୁବନେଶ୍ୱରରେ ଭାରତୀୟ ବାଣିଜ୍ୟ ମହାସଂଘ ଓଡ଼ିଶା ଶାଖା ଆନୁକୂଲ୍ୟରେ ଅନୁଷ୍ଠିତ ସମ୍ମିଳନୀରେ ବିଶ୍ୱର ଅନ୍ୟସମସ୍ତ ଦେଶପରି ଭାରତ ଓ ଓଡ଼ିଶା ମଧ୍ୟ ଜଳବାୟୁ ପରିବର୍ତ୍ତନର ଉଦ୍‌ବେଗଜନକ ପରିସ୍ଥିତି ସହ ଗତି କରୁଛି ବୋଲି ମନ୍ତ୍ରୀ କହିଛନ୍ତି ।

## ବ୍ୟାଙ୍କର୍ସ କମିଟି ବୈଠକ

ଭୁବନଶ୍ୱେରରେ ଆଜି ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି ବୈଠକ ଅନୁଷ୍ଠିତ ହୋଇଛି । ଉନ୍ନୟନ କମିଶନର ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ଗୁଡ଼ିକର ସଫଳ ରୂପାୟନ ସମ୍ପର୍କରେ ଆଲୋଚନା ହୋଇଛି । ଏହାସହ ହିତାଧିକାରୀଙ୍କୁ ବ୍ୟାଙ୍କିଂ ସୁବିଧା ପ୍ରଦାନ ବିଷୟରେ ମଧ୍ୟ ଆଲୋଚନା ହୋଇଥିବା ଜଣାପଡିଛି ।

## କେନ୍ଦ୍ରୀୟ ଟିମ୍-ବାତ୍ୟା କ୍ଷୟକ୍ଷତି ଆକଳନ

ବାତ୍ୟା କ୍ଷୟକ୍ଷତି ଆକଳନ ପାଇଁ ୭ଜଣିଆ କେନ୍ଦ୍ରୀୟ ଟିମ୍ ଆଜି ଭଦ୍ରକ ଓ କେନ୍ଦ୍ରାପଡା ଜିଲ୍ଲା ଗସ୍ତ କରିଛନ୍ତି । କେନ୍ଦ୍ରୀୟ ଦଳ ଭଦ୍ରକ ଜିଲ୍ଲା ଧାମରାର

ବିଭିନ୍ନ ଅଞ୍ଚଳ ଦେଖିବା ସହ ସ୍ଥାନୀୟ ଚାଷୀ ଓ ଗ୍ରାମବାସୀଙ୍କ ସହ ଆଲୋଚନା କରିଛନ୍ତି । ପରେ ସେମାନେ ବାଲେଶ୍ୱର ଜିଲ୍ଲା ଗସ୍ତ କରି ଚଳିତ ବାତ୍ୟା କ୍ଷୟକ୍ଷତି ନେଇ ଅନୁଧ୍ୟାନ କରିବେ । କେନ୍ଦ୍ର ଗୃହ ମନ୍ତ୍ରଣାଳୟର ଯୁଗ୍ମ ସଚିବଙ୍କ ନେତୃତ୍ୱରେ ବରିଷ୍ଠ ଅଧିକାରୀମାନେ ଏହି ଟିମ୍‌ରେ ସାମିଲ ହୋଇଛନ୍ତି ।

## ପଇତାଲାଗି ନୀତି

ପୁରୀ ଶ୍ରୀମନ୍ଦିରରେ ଆଜି ମାର୍ଗଶୀର କୃଷ୍ଣ ଦଶମୀ ତିଥିରେ ଶ୍ରୀଜୀଉମାନଙ୍କର ପଇତାଲାଗି ନୀତି ଅନୁଷ୍ଠିତ ହେଉଛି । ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ହେବାପରେ ସଂଧ୍ୟା ୬ଟାରୁ ଏହି ଗୁପ୍ତନୀତି ଆରମ୍ଭ ହୋଇଛି । ଏଥିପାଇଁ ସଂଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ୪ ଘଣ୍ଟା ସର୍ବସାଧାରଣ ଦର୍ଶନ ବନ୍ଦ ରହିଛି ।

## ସଚେତନତା ରଥ

ପୁରୀ ଜିଲ୍ଲାସ୍ତରୀୟ ପୋଷ୍ୟ ସନ୍ତାନ ସଚେତନତା ରଥକୁ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଆଜି ଉଦ୍‌ଘାଟନ କରିଛନ୍ତି । ପ୍ରତ୍ୟେକ ବ୍ୟକ୍ତିଙ୍କୁ ଶିଶୁମାନଙ୍କ ଅଧିକାର ଓ କର୍ତ୍ତବ୍ୟ ସମ୍ପର୍କରେ ଏହି ରଥ ସଚେତନ କରାଇବା

ସହଶିଶୁମାନଙ୍କୁ ପୋଷ୍ୟ ଭାବେ ଗ୍ରହଣ କରି ସେମାନଙ୍କ ଭବିଷ୍ୟତକୁ ଉଜ୍ଜ୍ୱଳ କରାଇବା ଏହାର ମୂଳ ଲକ୍ଷ୍ୟବୋଲି ଶ୍ରୀ ସ୍ୱାଇଁ କହିଛନ୍ତି । ଏହି ରଥ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ବ୍ଲକ ଓ ସହରାଞ୍ଚଳ ପରିକ୍ରମା କରିବ ।

## ଭୋଟର ତାଲିକା ସଂଶୋଧନ

ବୌଦ୍ଧ ଜିଲ୍ଲା ପ୍ରଶାସନ ପକ୍ଷରୁ ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ନେଇ ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯାନରେ ନୂତନ ଭୋଟରଙ୍କୁ ସଚେତନ କରାଯିବା ସହ ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତି ନିମନ୍ତେ ନିର୍ଭୁଲ ତଥ୍ୟ ସଂଗ୍ରହ କରାଯିବାକୁ ଲକ୍ଷ୍ୟ ରଖାଯାଇଛି ।

## ଜନ ଅଭିଯୋଗ ଶୁଣାଣି ଶିବିର

ବୌଦ୍ଧ ବ୍ଲକ ଅନ୍ତର୍ଗତ ମୁଣ୍ଡାପଡା ପଞ୍ଚାୟତ କାର୍ଯ୍ୟାଳୟଠାରେ ଆଜି ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି । ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଶିବିରରେ ୪୨ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଛି ।

ସେହିପରି ନୟାଗଡ ଜିଲ୍ଲା ଭା'ପୁର ବ୍ଲକରେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ୯୩ଟି ଦରଖାସ୍ତ ବିଚାର ପାଇଁ ପଞ୍ଜିକୃତ ହୋଇଥିବାବେଳେ ୧୦ଟି ମାମଲାର ସମାଧାନ କରାଯାଇଥିଲା ।